# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 4 September – 2026

*************************************

## ମୁଖ୍ୟ ସମ୍ବାଦ

- କୃଷକଙ୍କ ସମୃଦ୍ଧି ହିଁ ଓଡିଶାର ପ୍ରଗତିର ମୂଳଦୁଆ କହିଲେ ମୁଖ୍ୟମନ୍ତ୍ରୀ ।

  - ୪୧ଲକ୍ଷ କୃଷକଙ୍କ ପରିବାରକୁ ପ୍ରଦାନ କଲେ ୮୩୩କୋଟି ଟଙ୍କାର ସିଏମ କିଷାନ ସହାୟତା ରାଶି

- ସବ୍ ଇନ୍ସପେକ୍ଟରଙ୍କ ଦୀକ୍ଷାନ୍ତ ସମାରୋହରେ ଯୋଗେଦେଲେ ମୁଖ୍ୟମନ୍ତ୍ରୀ ।

  - କହିଲେ ରାଜ୍ୟ ସରକାର ଦୁର୍ନୀତି ବିରୋଧରେ ଅବଲମ୍ବନ କରୁଛନ୍ତି ଶୂନ୍ୟ ସହନଶୀଳତା

- ଶିକ୍ଷକ ଦିବସ ଅବସରରେ ଆସନ୍ତାକାଲି ୮୨ଜଣଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି ।

ଏବଂ

- ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ଅବସରରେ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ।

# ସିଏମ୍ କିଷାନ

ରାଜ୍ୟ ସରକାର ଅନ୍ନଦାତାଙ୍କ ଆର୍ଥିକ ସଶକ୍ତିକରଣକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷାସଦନଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଆଜି ୪୧ ଲକ୍ଷରୁ ଉର୍ଦ୍ଧ୍ୱ କୃଷକ ପରିବାରଙ୍କୁ ୮୩୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସିଏମ୍ କିଷାନ ଅର୍ଥରାଶି କେବଳ ସହାୟତା ନୁହେଁ ଏହା ଚାଷୀଙ୍କ ପରିଶ୍ରମର ଉଚିତ ସମ୍ମାନ । ପାରମ୍ପରିକ ଚାଷ ବ୍ୟତୀତ ଫସଲର ବିବିଧିକରଣ ଚାଷୀଙ୍କ ଆୟକୁ ଦ୍ୱିଗୁଣ କରିବ । ରାଜ୍ୟ ସରକାର ସଦାସର୍ବଦା ଚାଷୀ ଓ ଭୂମିହୀନ ପରିବାରଗୁଡିକର କଲ୍ୟାଣ ପାଇଁ ପ୍ରତିବଦ୍ଧ । କୃଷକଙ୍କ ସମୃଦ୍ଧି ଓଡିଶା ପ୍ରଗତିର ପ୍ରକୃତ ମୂଳଦୁଆ ବୋଲି ଶ୍ରୀ ମାଝୀ କହିଛନ୍ତି ।

କୃଷକ ପରିବାରର ଆତ୍ମନିର୍ଭରଶୀଳତା ଏବଂ କୃଷିକ୍ଷେତ୍ରର ସମୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ନିରନ୍ତର ପ୍ରଚେଷ୍ଟା ଜାରି ରହିବ ବୋଲି ଶ୍ରୀ ମାଝୀ କହିଛନ୍ତି। ସମୃଦ୍ଧ କୃଷକ ଯୋଜନାରେ ଧାନର କ୍ୱିଣ୍ଟାଲ ପିଛା ଉଚିତ ମୂଲ୍ୟ ପ୍ରଦାନ, ଆନୁଷଙ୍ଗିକ କୃଷିକୁ ପ୍ରୋତ୍ସାହନ ଏବଂ କୃଷି ବିଦ୍ୟାନିଧି ମାଧ୍ୟମରେ ଚାଷୀ ପରିବାରର ସନ୍ତାନମାନଙ୍କୁ ମାଗଣା ବୈଷୟିକ ଶିକ୍ଷା ପ୍ରଦାନ କରି

ଚାଷୀଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ନିଶ୍ଚିତ କରିବା ରାଜ୍ୟ ସରକାରଙ୍କ ମୁଖ୍ୟଲକ୍ଷ୍ୟ । କୃଷକଙ୍କ ଆୟ ବୃଦ୍ଧି, କୃଷିର ଆଧୁନିକୀକରଣ ଏବଂ ଗ୍ରାମୀଣ ଅର୍ଥନୀତିକ ସୁଦୃଢ କରିବା ଦିଗରେ ସରକାର ପ୍ରଚେଷ୍ଟା ଜାରି ରଖିଛନ୍ତି। ଚାଷୀମାନଙ୍କୁ ସରକାରୀ ଯୋଜନାର ଲାଭ ଉଠାଇବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ସରକାରଙ୍କ ଅଧିକାରୀ ସମେତ ମନ୍ତ୍ରୀମଣ୍ଡଳର  ସଦସ୍ୟମାନେ ବନ୍ୟାଞ୍ଚଳ ଗସ୍ତ କରି ପରିସ୍ଥିତିର ଅନୁଧ୍ୟାନ କରୁଛନ୍ତି । ପ୍ରତ୍ୟେକ ହିତାଧିକାରୀଙ୍କୁ ସରକାରଙ୍କ ସହାୟତା ରାଶି ପହଞ୍ଚାଇବା ପାଇଁ ଉଦ୍ୟମ ଜାରି ରହିଛି । ଏଥିସହିତ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ଉପଲବ୍ଧ ରହିଛି ବୋଲି ଶ୍ରୀ ସିଂହଦେଓ କହିଥିଲେ ।

ବିଭିନ୍ନ ଜିଲ୍ଲାରେ ଆୟୋଜିତ କାର୍ଯ୍ୟକ୍ରମରେ ସିଏମ୍ କିଷାନ ଅର୍ଥରାଶି ପ୍ରଦାନ କରାଯାଇଛି ।

KDP/DKL/Ganajam/kalahandi/
Nayagada/Jajpur/Baragarh/Malkangiri

## ସିଏମ୍-କିଷାନ-୨

କେନ୍ଦ୍ରାପଡା ଜିଲ୍ଲାରେ ୩୩୩ଜଣ ଭୂମିହୀନ ଚାଷୀ ଏବଂ ୧ଲକ୍ଷ ୭୦ହଜାର ୮୨୭ଜଣ ଚାଷୀଙ୍କୁ ୩୫କୋଟିରୁ ଊର୍ଦ୍ଧ୍ୱ  ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି । ଜିଲ୍ଲାର ୯ଟି ବ୍ଲକର ୧୭୦ଜଣ

ଚାଷୀଙ୍କ ସମେତ କୃଷି ଓ ଅନ୍ୟାନ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ ।

ଢେଙ୍କାନାଳ ଜିଲ୍ଲାର ୧ଲକ୍ଷ ୩୨ହଜାର ୩୮୮ଜଣ ଚାଷୀଙ୍କୁ ସିଏମ୍ କିଷାନ ଅର୍ଥରାଶି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷଚନ୍ଦ୍ର ପାତ୍ର ପ୍ରଦାନ କରିଛନ୍ତି।

ଗଞ୍ଜାମ ଜିଲ୍ଲାର ୨ଲକ୍ଷ ୩୯ହଜାର ୨୨୦ଜଣ ଚାଷୀ ପରିବାରଙ୍କୁ ମୋଟ ୪୮କୋଟି ୨୧ଲକ୍ଷ ୧୮ହଜାର ଟଙ୍କା ପ୍ରଦାନ କରାଯାଇଛି ।

କଳାହାଣ୍ଡି ଜିଲ୍ଲାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ୧ଲକ୍ଷ ୬୯ହଜାର ୮୫୦ଜଣଙ୍କୁ ଚାଷୀଙ୍କୁ ୩୪କୋଟି ୨୬ଲକ୍ଷ ୬୯ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି ।

ନୟାଗଡ ଜିଲ୍ଲାର ୧ଲକ୍ଷ ୬୧ହଜାର ୨୭୦ଜଣ ପଞ୍ଜୀକୃତ ସିଏମ କିଷାନ ଯୋଜନାରେ ଅର୍ଥ ରାଶି ବଣ୍ଟନ କରାଯାଇଛି ।

ଭଦ୍ରକ ଜିଲ୍ଲାରେ ୨ଲକ୍ଷ ୧୨ହଜାର ୪୨୦ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୪୩୨ଜଣ ଭୂମିହୀନ କୃଷକଙ୍କ ପରିବାରକୁ ୧୪୨କୋଟି ୫୯ଲକ୍ଷ ୪ହଜାର ଟଙ୍କା ପ୍ରଦାନ କରାଯାଇଛି ।

ଯାଜପୁର ଜିଲ୍ଲାରେ ୪୧ଲକ୍ଷ ୩୫ହଜାର ୯୭୮ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୩ହଜାର ୯୪୯ଜଣ ଭୂମିହୀନ କୃଷକଙ୍କ ପରିବାରକୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି ।

ବରଗଡ ଜିଲ୍ଲାର ୧ଲକ୍ଷ ୭୪ହଜାର ୭୯୮ଜଣ ଚାଷୀଙ୍କୁ ସିଏମ କିଷାନ ଅର୍ଥରାଶି ପ୍ରଦାନ କରାଯାଇଛି ।

ମାଲକାନଗିରି ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୮୧ହଜାର ୮୬୬ଜଣ ଚାଷୀଙ୍କୁ ଏହି ସହାୟତା ଦିଆଯାଇଛି ।

Desk

## ପାସିଂ ଆଉଟ ପରେଡ

ରାଜ୍ୟ ସରକାର ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ଅବଲମ୍ବନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀରେ ଆୟୋଜିତ ସବ୍ ଇନ୍ସପେକ୍ଟରଙ୍କ ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ୟୁନିଫର୍ମ ସେବାରେ ଶୃଙ୍ଖଳା ସର୍ବୋପରି, ସମ୍ବିଧାନର ନୀତି ନିୟମକୁ ଅନୁକରଣ କରି ଦକ୍ଷତାର ସହ ଦାୟିତ୍ୱ ନିର୍ବାହ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

**- V/O -**

ଦୁଇବର୍ଷ ପ୍ରଶିକ୍ଷଣ ପରେ ତ୍ରୟୋଦଶ ବ୍ୟାଚରେ ୩୩୬ଜଣ ପ୍ରଶିକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇ ବିଭିନ୍ନ ଥାନାରେ ନିଯୁକ୍ତ ହେବେ ।

Desk

## ଶିକ୍ଷକ ଦିବସ

ଦେଶବ୍ୟାପୀ ଆସନ୍ତାକାଲି 'ଶିକ୍ଷକ ଦିବସ' ପାଳନ କରାଯିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆସନ୍ତାକାଲି ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୋଟ ୮୨ ଜଣ ଶିକ୍ଷକଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିବେ। ଏଥିରେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ଶିକ୍ଷକ ଏମ୍‌ଡି. ଜାଫର ଆଲମ୍ ଏବଂ ଜଗତସିଂହପୁର ଆଳିପିଙ୍ଗଳ ସରକାରୀ ଉଚ୍ଚବିଦ୍ୟାଳୟର ଶିକ୍ଷକ ପଦରାଜ ଉମାକାନ୍ତ ନାୟକ ସମ୍ମାନିତ ହେବେ।

ରାଜ୍ୟରେ ଉତ୍ସର୍ଗୀକୃତ ଶିକ୍ଷାଦାନ ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏନେଇ ସମସ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଓ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଏନ୍. ତିରୁମାଲା ନାୟକ ନିର୍ଦ୍ଦେଶ ଦେଇଛନ୍ତି।

Puri/Bhadrak/Subarnapur

## ଶ୍ରୀକୃଷ୍ଣ ଜନ୍ମୋତ୍ସବ

ଶ୍ରଦ୍ଧା ଓ ଭକ୍ତିର ସହ ଆଜି ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ଜନ୍ମାଷ୍ଟମୀ ପର୍ବ ପାଳନ କରାଯାଉଛି। ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ

ଭଗବାନ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ ବୋଲି ପୁରାଣଶାସ୍ତ୍ରରେ ବର୍ଣ୍ଣନା ରହିଛି । ଏହି ଅବସରରେ ପୁରୀ ଶ୍ରୀମନ୍ଦିର ସମେତ କ୍ଷୀରଚୋରା ଗୋପୀନାଥ ମନ୍ଦିର ଏବଂ ଅନ୍ୟ ମନ୍ଦିରଗୁଡ଼ିକରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହେଉଛି ।

ପୁରୀ ଶ୍ରୀମନ୍ଦିରରେ ଆଜି ସନ୍ଧ୍ୟା ଧୂପ ଶେଷ ହେବାପରେ କୃଷ୍ଣ ଜନ୍ମନୀତି ଆରମ୍ଭ ହେବ । ଆଜିଠାରୁ ଶ୍ରୀକୃଷ୍ଣଙ୍କ ଜନ୍ମନୀତି ଆରମ୍ଭ ହୋଇ ବଣଭୋଜି, କାଳୀୟଦଳନ ସହ କଂସବଧ ପର୍ଯ୍ୟନ୍ତ ଶ୍ରୀକୃଷ୍ଣଙ୍କ ଲୀଳା ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବ । ମହାଜନ ସେବାୟତ, ଦେବକୀ ଓ ବସୁଦେବ ବେଶରେ ଉପସ୍ଥିତ ରହି ନିଶାର୍ଦ୍ଧରେ ପ୍ରଭୁ ଶ୍ରୀକୃଷ୍ଣଙ୍କର ଜନ୍ମନୀତି ସମ୍ପାଦନ କରିବା ସହ ନାଭିକଟା ମଣ୍ଡପରେ ପରମ୍ପରା ଅନୁଯାୟୀ ବିଶେଷ ପୂଜାବିଧି କରିବେ । ଶ୍ରୀକୃଷ୍ଣ ଜନ୍ମନୀତି ପାଇଁ ଆଜି ସନ୍ଧ୍ୟା ୭ଟାରୁ ରାତ୍ର ୧୨ ଘଟିକା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

କେନ୍ଦ୍ରାପଡା ଶ୍ରୀ ବଳଦେବଜୀଉ ମନ୍ଦିରରେ ଗୋପନୀୟ ଜନ୍ମାଷ୍ଟମୀ ଦେବନୀତି ଆଜି ନିଶାର୍ଦ୍ଧରେ ଅନୁଷ୍ଠିତ ହେବ । ଏଥିରେ ପୂଜାପଣ୍ଡା ସେବାୟତ ପିତା ଏବଂ ସୁପକାର ସେବାୟତ ମା' ଭାବେ ଦେବନୀତି ସମ୍ପାଦନ କରିବେ । ମଝି ଦେଉଳରେ ଜନ୍ମନୀତି କରି ବାଳ ଗୋପାଳଙ୍କ ଜୁଳାନୀତି କରାଯିବ ।  ପରେ ଶ୍ରୀ ଜୀଉଙ୍କୁ ଦହି, କ୍ଷୀର ଏବଂ ସ୍ୱତନ୍ତ୍ର ମିଷ୍ଟାନ ଭୋଗନୈବେଦ୍ୟ ଅର୍ପଣ କରାଯିବ ।

ନୟାଗଡର କଣ୍ଟିଲୋ ଶ୍ରୀନୀଳମାଧବ ପୀଠ ଏବଂ ରାଧାମୋହନ ଜୀଉ ମଠରେ ଜନ୍ମାଷ୍ଟମୀ ଉତ୍ସବ ପାରମ୍ପରିକ ରୀତିରେ ପାଳନ କରାଯାଇଛି । ଶ୍ରୀ ନୀଳମାଧବ ଜୀଉଙ୍କ ମନ୍ଦିରରେ ବିଜେ ଶ୍ରୀକୃଷ୍ଣଙ୍କ ବିଗ୍ରହ ଗୁରୁଣ୍ଡି ଗୋପାଳଜୀଉଙ୍କୁ ଆଜ୍ଞାମାଳ ଦେଇ ଜନ୍ମ ଚକଡାରେ ବିଜେ କରାଯାଇଥିଲା । ପରେ ଦିଅଁ ଘରେ ଶ୍ରୀକୃଷ୍ଣ ଭୂମିଷ୍ଟ ହେବା ପର୍ଯ୍ୟନ୍ତ ସମସ୍ତ ବିଧି ବ୍ୟବସ୍ଥା ଅନୁଷ୍ଠିତ ହୋଇଥିଲା ।

ନୂଆପଡା ଜିଲ୍ଲାର ବିଭିନ୍ନ ସ୍ଥାନରେ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଛି ।

Nayagarh

## ବସ୍ ଦୁର୍ଘଟଣା

ନୟାଗଡ ଜିଲ୍ଲା ଇଟାମାଟି ଥାନା ବାଉଁଶିଆପଡା ଜହ୍ନିପଦା ଛକ ନିକଟସ୍ଥ ୫୭ନମ୍ବର ଜାତୀୟ ରାଜପଥରେ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ଅବସ୍ଥା ଗୁରୁତର ରହିଛି । ସେଥିମଧ୍ୟରୁ ଚାରିଜଣଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି । ବସ୍‌ଟି ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯିବାରୁ ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ।

Desk

## କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆସନ୍ତାକାଲି ଭୁବନେଶ୍ୱର ସି.ଏସ.ଆଇ.ଆର.-ଆଇଏମ୍ଏମ୍ଟି ପ୍ରେକ୍ଷାଳୟରେ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ ସାମର୍ଥ୍ୟ-୨୦୨୬ ଅନୁଷ୍ଠିତ ହେବ । ଏଥିରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥିଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ମହୋତ୍ସବରେ ସିନେମା ମାଧ୍ୟମରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପ୍ରେରଣାଦାୟୀ କାହାଣୀ, ସୃଜନଶୀଳତା, ସଂଘର୍ଷ ଓ ସଫଳତାକୁ ଦର୍ଶାଯିବ ।

Desk

## ବନ୍ୟା

ରାଜ୍ୟରେ ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ପରେ ବାଲେଶ୍ୱର, ଯାଜପୁର ଏବଂ ମୟୂରଭଞ୍ଜ ଜିଲ୍ଲାର କେତେକ ସ୍ଥାନ ଜଳମଗ୍ନ ହୋଇଛି। ବାଲେଶ୍ୱର ଜିଲ୍ଲାର ୫ଟି ବ୍ଲକର ୨୧୪ଟି ଗ୍ରାମ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଯାଜପୁର ଜିଲ୍ଲାର ୬୨ଟି ଗ୍ରାମ ଏବଂ ମୟୂରଭଞ୍ଜ ଜିଲ୍ଲାର ୯୭ଟି ଗ୍ରାମରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ତେବେ କଟକର ନରାଜଠାରେ ମହାନଦୀ, ରାଉରକେଲାର ପାନପୋଷରେ ବ୍ରାହ୍ମଣୀ, ଭଦ୍ରକ ଆଖୁଆପଦାଠାରେ ବୈତରଣୀ ଓ ଗୁଣୁପୁରରେ ବଂଶଧାରା ନଦୀର ଜଳସ୍ତର ହ୍ରାସ ପାଉଛି। ଏହି କ୍ରମରେ ବନ୍ୟା ପରିସ୍ଥିତିରେ ସୁଧାର

ଆସିଥିବା ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଆସନ୍ତା ୫ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ନ ଥିବା ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ବିଭାଗର ସୂଚନା ଅନୁଯାୟୀ ଲଘୁଚାପ ଉତ୍ତର-ପୂର୍ବ ମଧ୍ୟପ୍ରଦେଶ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି।